


# ପ୍ରଧାନ ପାଟ

## କୃଷି ସମାଚାର ପତ୍ର

ଷଷ୍ଠ ବର୍ଷ | ତୃତୀୟ ସଂଖ୍ୟା (ଅକ୍ଟୋବର - ଡିସେମ୍ବର) ୨୦୧୩

କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ KRISHI VIGYAN KENDRA, DEOGARH

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର




## ମୁଖ୍ୟ ସଂପାଦକଙ୍କ କଲମରୁ........



ଦେବଗଡ଼ ଜିଲ୍ଲାର ସାମଗ୍ରିକ ଅର୍ଥନୀତି ମୁଖ୍ୟତଃ କୃଷି, ପଶୁପାଳନ ଓ ଜଙ୍ଗଲ ସଂପଦ ଉପରେ ପର୍ଯ୍ୟବେସିତ । ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରର ଶତକଡ଼ା ୫୨ ଭାଗ ପାହାଡ଼ ପର୍ବତ ଭରା । ମୋଟ ଚାଷଜମିର ମୁଖ୍ୟଭାଗ ଉଚ୍ଚ ଜମି କିସମର, ଦୁଇ ତୃତୀୟାଂଶ ଅଣଜଳସେଚିତ ଓ ମୃତ୍ତିକା ଅମ୍ଳୀୟ । ଏହି ସବୁ ପ୍ରତିକୂଳ ପରିସ୍ଥିତିରେ କୃଷି କ୍ଷେତ୍ରକୁ ଲାଭଜନକ କରାଇ ଜିଲ୍ଲାର କୃଷି ଅର୍ଥନୀତିକୁ ସମୃଦ୍ଧ କରାଇବା ଜିଲ୍ଲା ପ୍ରଶାସନ, ଜିଲ୍ଲାର ଅଧିକାରୀଗଣ ଓ କୃଷିଜୀବି ଅଧିବାସୀମାନଙ୍କ ପାଇଁ ଏକ ଆହ୍ୱାନ । ୨୦୦୬ ମସିହା ଜୁଲାଇ ମାସରେ ଦେବଗଡ଼ ଜିଲ୍ଲା ସଦର ମହକୁମାରେ ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ର ଚାଷୀ ଜମିରେ ନୂତନ ଜ୍ଞାନ କୌଶଳ ପରୀକ୍ଷଣ କରାଇ ତାକୁ ଜିଲ୍ଲାରେ ଆଦୃତ କରାଇବା ଲକ୍ଷ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରତିଷ୍ଠା କରାଯାଇଛି । କୃଷି ଓ ତତ୍ ଆନୁଷଙ୍ଗୀୟ କ୍ଷେତ୍ରରେ ବିଭିନ୍ନ ସାମାଜିକ, ବୈଷୟିକ ଓ ସାଂସ୍କୃତିକ ସମସ୍ୟାକୁ ଅନୁଧ୍ୟାନ କରି ଉଚିତ୍ ସମୟରେ ଠିକଣା ପଦକ୍ଷେପ ନେଇ କୃଷିକୁ ଲାଭଜନକ ପେଷା ଭାବେ କୃଷକ ସଂପ୍ରଦାୟ ଆଗରେ ପ୍ରତିଷ୍ଠା କରିବାକୁ ଏହା ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଛି । ଶସ୍ୟ, ଡାଲି, ତୈଳବୀଜ, ପନିପରିବା ଓ ଫଳ ଜାତୀୟ ପାରମ୍ପରିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ ତଥା କ୍ଷୁଦ୍ର ଓ ନାମ ମାତ୍ର ଶ୍ରେଣୀର ଚାଷୀମାନଙ୍କ ଆର୍ଥିକ ସ୍ୱାବଲମ୍ବନତା ପାଇଁ ସମନ୍ୱିତ କୃଷି ପ୍ରଣାଳୀ ପଦ୍ଧତିକୁ ପ୍ରସାରିତ କରିବା ସହିତ ଏହା ଅନେକ କାର୍ଯ୍ୟକ୍ରମ ଗ୍ରହଣ କରି ଆସିଛି । ପ୍ରତି ତିନିମାସରେ କେନ୍ଦ୍ରରୁ ପ୍ରକାଶିତ 'ପ୍ରଧାନପାଟ' କୃଷି ସମାଚାର ପତ୍ର ଏହି କାର୍ଯ୍ୟକ୍ରମ ଗୁଡ଼ିକର କିୟଦଂଶର ସମାହାର । ଏହା ଆମ ଜିଲ୍ଲାର ସମସ୍ତ କୃଷିଜୀବି ଓ କୃଷି ପ୍ରେମୀ ବନ୍ଧୁମାନଙ୍କ ପାଇଁ ଦିଗ୍ ଦର୍ଶକ ହେଉ ।

(କସ୍ତୁରୀ ଚରଣ ବାରିକ)

## କୃଷି ବିଜ୍ଞାନ କେନ୍ଦ୍ର ଜାତୀୟ ସମ୍ମିଳନୀର ପ୍ରଦର୍ଶନୀରେ ଯୋଗଦାନ




ଗତ ତା ୨୩-୨୫ ଅକ୍ଟୋବର ୨୦୧୩ ରିଖରେ କୃଷି ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ ଠାରେ ଅଷ୍ଟମ କୃଷି ବିଜ୍ଞାନ କେନ୍ଦ୍ର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହା ଉପଲକ୍ଷେ ସଙ୍ଗଠିତ ପ୍ରଦର୍ଶନୀରେ ଓଡ଼ିଶା ରାଜ୍ୟ ତରଫରୁ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା । ଏହି ପ୍ରଦର୍ଶନୀକୁ ଭାରତ ସରକାରଙ୍କ କୃଷି ମନ୍ତ୍ରୀ ଶ୍ରୀ ଶରଦ ପାୱାର ଉଦ୍‌ଘାଟନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ଷ୍ଟଲ୍‌ରେ ବିଭିନ୍ନ ଧାନ କିସମ, ଉନ୍ନତ କିସମର ଗରା, ବିଭିନ୍ନ ମୂଲ୍ୟ ଯୁକ୍ତ ଖାଦ୍ୟ, ମସଲା ଜାତୀୟ ଫସଲ ସହ ବିଭିନ୍ନ ବୈଜ୍ଞାନିକ କୌଶଳକୁ ନେଇ ଆକର୍ଷଣୀୟ ଫ୍ଲେକ୍‌ସ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି ଷ୍ଟଲ୍‌କୁ ବିଭିନ୍ନ ସମୟରେ ମହାନିର୍ଦ୍ଦେଶକ, ଉପମହାନିର୍ଦ୍ଦେଶକ (ସଂପ୍ରସାରଣ), ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ସଚିବ, କୃଷି ବିଭାଗ, ଭାରତ ସରକାର, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଗଣ, ଜୋନାଲ୍ ପ୍ରକଳ୍ପ ନିର୍ଦ୍ଦେଶକ ଗଣ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ସଂପ୍ରସାରଣ ଅଧ୍ୟକ୍ଷ, ପରିଦର୍ଶନ କରି କୃଷି ବିଜ୍ଞାନ କେନ୍ଦ୍ରର ପଦକ୍ଷେପକୁ ପ୍ରଶଂସା କରିଥିଲେ ।



## ଗୋ ଖାଦ୍ୟରେ ଭିଟାମିନ୍ ମିନେରାଲ୍ ମିଶ୍ରଣର ପ୍ରୟୋଗ



ଦେବଗଡ଼ ଜିଲ୍ଲାର କୃଷିଜୀବି ମହିଳାମାନେ ପାରଂପରିକ କୃଷି କାର୍ଯ୍ୟ ସହ ଗୋପାଳନ କରି କିଛି ରୋଜଗାର ମଧ କରିଥାନ୍ତି । ଖାଦ୍ୟ ଏବଂ ରୋଗ ପରିଚ୍ଛଳନା ଜ୍ଞାନର ଅଭାବ ଯୋଗୁଁ ସେମାନେ ଗୋପାଳନରେ ଯଥେଷ୍ଟ ଲାଭବାନ ହୋଇ ପାରନ୍ତି ନାହିଁ । ଦେଶି ଏବଂ ଉନ୍ନତ କିସମର ଗାଈ ମାନଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼ ଦ୍ୱାରା ଏକ ପରୀକ୍ଷଣ ହୋଇଥିଲା । ଏହି ପରୀକ୍ଷଣରେ ପ୍ରତ୍ୟେକ ଗାଈକୁ ପ୍ରତ୍ୟେହ ୩୦ ଗ୍ରାମ୍



ଭିଟାମିନ୍ ମିନେରାଲ୍ ମିଶ୍ରଣ ଖାଦ୍ୟ ସହ ଦିଆଯାଇଥିଲା । ଏହିପରି ନିୟମିତ ୧ ମାସ ଦେବାପରେ ଦୁଗ୍ଧର ପରିମାଣ ପ୍ରାୟତଃ ଶତକଡ଼ା ୪୫ ଭାଗ ବୃଦ୍ଧି ପାଇପାରୁଛି । ଏହି ପରୀକ୍ଷଣରେ ମହିଳାମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ଗୋ ଖାଦ୍ୟରେ ଏହି ମିଶ୍ରଣକୁ ମିଶାଇ ଗାଈମାନଙ୍କୁ ଖାଇବାକୁ ଦେଉଛନ୍ତି ।

## ଟୋଲ ଚୋପା ଛଡ଼ାଇବା ଯନ୍ତ୍ରର ସଫଳ ପରୀକ୍ଷଣ



ଦେବଗଡ଼ ଜିଲ୍ଲାର କୃଷିଜୀବି ମହିଳାମାନେ ସେମାନଙ୍କର ବଳକା ସମୟରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଏପ୍ରିଲ୍ ଏବଂ ମେ' ମାସରେ ସେମାନେ ପ୍ରଚୁର ମହୁଲର ଟୋଲ ମଞ୍ଜି ସଂଗ୍ରହ କରିଥାନ୍ତି । ଏହି ମଂଜିରୁ ଖାଦ୍ୟ ଉପଯୋଗୀ ତେଲ ବାହାର କରିଥାନ୍ତି । ତେଲ ବାହାର କରିବା ପାଇଁ ସେମାନଙ୍କୁ ପ୍ରଥମେ ଟୋଲ ମଞ୍ଜିରୁ ଚୋପା ଛଡ଼ାଇବାକୁ ପଡ଼ିଥାଏ । ପଥରରେ ଛେଚି ଗୋଟିଏ




ଗୋଟିଏ କରି ମଞ୍ଜିରୁ ଚୋପା ବାହାର କରିଥାନ୍ତି । ଏହା ବହୁତ ସମୟ ସାପେକ୍ଷ ଏବଂ କଷ୍ଟ ଦାୟକ । ମହିଳାମାନଙ୍କର ଦକ୍ଷତା ବୃଦ୍ଧି ଏବଂ ପରିଶ୍ରମକୁ ଲାଘବ କରିବା ଉଦ୍ଦେଶ୍ୟ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ଦ୍ୱାରା କୈଳାଶ ଏବଂ ମୋହିନୀପୁର ମହିଳାମାନଙ୍କୁ ନେଇ ଏକ ହସ୍ତ ଚାଳିତ ଟୋଲ ଚୋପା ଛଡ଼ାଇବା ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ ହୋଇଥିଲା । ଏହି ପରୀକ୍ଷଣରୁ ଜଣାଗଲା ଯେ ଯନ୍ତ୍ର ଦ୍ୱାରା ପ୍ରାୟ ଘଣ୍ଟାକୁ ୨୨ କେ.ଜି ମଞ୍ଜି ଚୋପା ଛଡ଼ା ଯାଇପାରୁଛି । ଅପର ପକ୍ଷରେ ହାତ ଦ୍ୱାରା ମାତ୍ର ୨-୩ କେ.ଜି ଚୋପା ଛଡ଼ା ଯାଇପାରୁଛି । ଏହାଦ୍ୱାରା ମହିଳାମାନଙ୍କର ଟୋଲ ଚୋପା ଛଡ଼ାଇବାର ଦକ୍ଷତା ପ୍ରାୟ ଶତକଡ଼ା ୪୦ ଭାଗ ବଢ଼ିପାରୁଛି । ଏହାକୁ ବ୍ୟବହାର କରିବା ଦ୍ୱାରା ସମୟ, ବଳର ଅପଚୟ କମ୍ ହେବ ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି ।

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼
ମୁଖ୍ୟ ସମ୍ପାଦକ : ଡକ୍ଟର କସ୍ତୁରୀ ଚରଣ ବାରିକ
ସମ୍ପାଦକ : ଡକ୍ଟର ସୁଜିତ କୁମାର ନାଥ
ସଂପାଦନା ମଣ୍ଡଳୀ : ଶ୍ରୀ ସୁକାନ୍ତ କୁମାର ସାହୁ, ଶ୍ରୀମତୀ ଅନୀତା ପାତ୍ର, ଶ୍ରୀ ଲବ ସୋରେନ୍
ଫଟୋଗ୍ରାଫି : ଶ୍ରୀ ନିହାର ରଞ୍ଜନ ବରାଳ, ଶ୍ରୀ ବେଣୁଧର ମହାରଣା

ଯୋଗାଯୋଗ:
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ପୁରୁଣାଗଡ଼
ହର୍ଟିକଲ୍‌ଚର ଫାର୍ମ ସନ୍ନିକଟ, ଜି : ଦେବଗଡ଼-୭୬୮୧୧୯
ଫୋନ୍ : ୦୬୬୪୧-୨୨୬୧୨୨,୨୨୬୧୨୩
e-mail : deogarhkvk@yahoo.com

ମୁଦ୍ରଣ : ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା. ଲି., ଭୁବନେଶ୍ୱର-୨୪
ଫୋନ୍ : ୦୬୭୪ - ୨୭୪୦୭୩୭ / ୨୭୪୦୭୬୬





## କମଳା ବଗିଚାରେ ଘାସ ଦମନ ଉପରେ କ୍ଷେତ୍ର ପ୍ରଦର୍ଶନ

କମଳା ଚାଷ ପାଇଁ ଦେବଗଡ଼ ଜିଲ୍ଲା ପ୍ରସିଦ୍ଧ । କମଳା ବଗିଚାରେ ଅନାବନା ଗଛ ଏବଂ ଘାସର ପ୍ରାର୍ଦ୍ଦୁଭାବ ଯୋଗୁଁ କମଳାର ଅମଳରେ ପ୍ରଭାବ ପଡ଼ିଥାଏ । ତେଣୁ ଏହାର ପ୍ରତିକାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଗ୍ଲାଇଫୋସେଟ ନାମକ ଘାସମରା ଔଷଧ ୪ ଲିଟର / ହେକ୍ଟର ହିସାବରେ ଏକ ଓ ଦୁଇ ପତ୍ରିଆ ଘାସମାନଙ୍କ ଉପରେ ସିଞ୍ଚନ କରାଯାଇଥିଲା ।



ଏହା ଦ୍ୱାରା କମଳା ବଗିଚାରେ ଅନାବନା ଗଛ ଓ ଘାସ ସଫା ହୋଇଯିବା ସହ ଅମଳ ୨୨୦ କ୍ୱିଣ୍ଟାଲରୁ ୨୯୫ କ୍ୱିଣ୍ଟାଲକୁ ବୃଦ୍ଧି ହୋଥିଲା । ଅନାବନା ଘାସ ସଫା ହୋଇଥିବା ଯୋଗୁଁ କମଳା ବଗିଚାରେ ରୋଗ ଏବଂ ପୋକର ପ୍ରାର୍ଦ୍ଦୁଭାବ କମ୍ ହୋଇଥିଲା । କମଳା ଗଛମାନେ ମଧ୍ୟ ଖାଦ୍ୟ ସାରକୁ ସୁବିନିଯୋଗ କରି ଅଧିକ ଉତ୍ପାଦନ ଦେଇଥିଲେ ।

## ସ୍ୱଳ୍ପ ମୂଲ୍ୟର ପଲି ହାଉସରେ ଉନ୍ନତମାନର ଚାରା ଉତ୍ପାଦନ

ବର୍ଷାଦିନରେ ତଳି ଘେରାରେ ତଳି ପ୍ରସ୍ତୁତ କରିବା ଏକ କଷ୍ଟ ସାଧ୍ୟ କାମ ହୋଇଥାଏ । ଚାଷୀଭାଇମାନେ ବର୍ଷାଦିନରେ ତଳି ପ୍ରସ୍ତୁତ




ସମୟରେ ବହୁତ କ୍ଷତି ସହିଥାନ୍ତି । ଏହାକୁ ଲକ୍ଷ୍ୟ କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସ୍ୱଳ୍ପ ମୂଲ୍ୟରେ ପଲି ହାଉସର ପରୀକ୍ଷଣ ନିକ୍ତିମାଳ, ନୁଆଭୁଇଁ, ଖାରମୁଣ୍ଡା ଏବଂ ଝାଟିପୋଷି ଗ୍ରାମରେ କରାଯାଇଥିଲା । ଏହା ଦ୍ୱାରା ତଳି ଗୁଡ଼ିକୁ ବର୍ଷା, ବତାସ ଏବଂ କରକାପାତରୁ ରକ୍ଷା କରାଯାଇଥାଏ । ପଲି ହାଉସ୍‌ରେ ଚାଷୀଭାଇମାନେ ଅଦିନିଆ ତଳି ପ୍ରସ୍ତୁତି କରିପାରିଥିଲେ ଏବଂ ଅଦିନିଆ ପନିପରିବା ଚାଷ କରି ଲାଭବାନ ହୋଇଥିଲେ । ଏହି ପଲି ହାଉସର ନିର୍ମାଣ ଖର୍ଚ୍ଚ କମ ହେବା ସହିତ ଏହାର ନିର୍ମାଣ କୌଶଳ ପ୍ରଣାଳୀ ସୁବିଧାଜନକ ହୋଇଥିବାରୁ ଏହି ସ୍ୱଳ୍ପ ମୂଲ୍ୟର ପଲି ହାଉସକୁ ଚାଷୀଭାଇମାନେ ଆଗ୍ରହର ସହିତ ଗ୍ରହଣ କରିଥିଲେ ।



## ଧାନ ଚାଷରେ ପତ୍ରପୋଡ଼ା ରୋଗର ନିୟନ୍ତ୍ରଣ

ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ଅନ୍ତର୍ଗତ କୈଳାଶ ଗ୍ରାମରେ ଧାନଚାଷରେ ପତ୍ର ପୋଡ଼ା ରୋଗର ନିୟନ୍ତ୍ରଣ ପାଇଁ ୧ ହେକ୍ଟର ଜମିରେ ଉନ୍ନତ ଜ୍ଞାନ କୌଶଳର ପରୀକ୍ଷଣ କରାଯାଇଥିଲା । ଏହି ପ୍ରଦର୍ଶନରେ ଧାନଗଛକୁ ପତ୍ର ପୋଡ଼ା ରୋଗରୁ ମୁକ୍ତ କରିବା ପାଇଁ ୧ କି.ଗ୍ରା. ଧାନ ବିହନକୁ ୨ ଗ୍ରା. ଭିଟାଭାକ୍ସ ପାଓ୍ୱାର ଦ୍ୱାରା ବିସୋଧନ କରାଯାଇଥିଲା ଏବଂ ଷ୍ଟ୍ରେପ୍ଟୋସାଇକ୍ଲିନ (୧୦ ଗ୍ରା / ଲି) + କପରଅକ୍ସିକ୍ଲୋରାଇଡ (୩ ଗ୍ରା / ଲି) ମିଶାଇ ୧୦ ଦିନ ଅନ୍ତରରେ ୨ ଥର ସିଞ୍ଚନ କରାଯାଇଥିଲା ଏବଂ ଏହା ସହିତ



ଚାଷୀମାନଙ୍କୁ ଅନୁମୋଦିତ ଖତ ଏବଂ ସାର ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଚାଷୀମାନେ ନିଜସ୍ୱ ପଦ୍ଧତିରେ କରିଥିବା ଚାଷରୁ ହେକ୍ଟର ପିଛା ୩୩ କ୍ୱିଣ୍ଟାଲ ଅମଳ ପାଇଥିବା ବେଳେ ପ୍ରଦର୍ଶିତ ଜମିରୁ ୪୮ କ୍ୱିଣ୍ଟାଲ ଅମଳ ପାଇ ୧୨୦୦୦ ଟଙ୍କା ଅଧିକ ରୋଜଗାର କରିପାରିଥିଲେ ।

## କୃଷିଜୀବି ମହିଳା ଦିବସ ପାଳିତ

ଗତ ଡିସେମ୍ବର ୪ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ଆନୁକୂଲ୍ୟରେ ତିଳେଇବଣୀ ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ କୃଷିଜୀବି ମହିଳା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠି ମାଧ୍ୟମରେ ମହିଳା ମାନଙ୍କର ସର୍ବାଙ୍ଗିନ ବିକାଶ ଉପରେ ଆଲୋକପାତ କରାଯାଇଥିଲା । ମହିଳା ଏବଂ କିଶୋରୀମାନଙ୍କର ବିକାଶ ନିମନ୍ତେ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ମହିଳାମାନଙ୍କୁ ଫୁଲ ଚାଷ, ମହୁ ଚାଷ, ଛତୁ ଚାଷ, ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଇତ୍ୟାଦି ବିଷୟରେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଗ୍ରଣୀ ମହିଳା ଚାଷୀମାନେ ସେମାନଙ୍କର ସଫଳ କାହାଣୀ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଗ୍ରଣୀ ମହିଳା ମାନଙ୍କୁ ଧିଙ୍ଗିରୀ ଛତୁଚାଷ



କରିବାର କୌଶଳ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

## କମଳା ଚାଷରେ ଫଳ ବିନ୍ଧା ପ୍ରଜାପତିର ନିୟନ୍ତ୍ରଣ



ଦେବଗଡ଼ ଜିଲ୍ଲା କମଳା ଚାଷ ପାଇଁ ଆମ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି । ପରିବର୍ତ୍ତିତ ଜଳବାୟୁ ଏବଂ ରୋଗପୋକର ଆକ୍ରମଣ ଦ୍ୱାରା ଏହାର ଅମଳ କ୍ରମଶଃ ହ୍ରାସ ପାଇଅଛି । ରୋଗପୋକଙ୍କ ମଧ୍ୟରେ ଫଳ ବିନ୍ଧା ପ୍ରଜାପତି କମଳାର ଉତ୍ପାଦିକତା ଏବଂ ଗୁଣବତ୍ତାକୁ ହ୍ରାସ କରିଥାଏ । ଏହାକୁ ଲକ୍ଷ୍ୟ ରଖି ରିଆମାଳ ବ୍ଲକ୍ ଅନ୍ତର୍ଗତ ଖିଲବେରେଣୀ ଗ୍ରାମରେ ୧ହେକ୍ଟର କମଳା ବଗିଚାରେ ଫଳବିନ୍ଧା ପ୍ରଜାପତି ନିୟନ୍ତ୍ରଣ ଉପରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ଅନ୍ତର୍ଭୁକ୍ତ ଚାଷୀମାନଙ୍କର କମଳା ଗଛକୁ ଫଳବିନ୍ଧା ପ୍ରଜାପତିର ଆକ୍ରମଣରୁ ମୁକ୍ତ କରିବା ପାଇଁ ବିଷ ଥୋପ ବ୍ୟବହାର କରାଯାଇଥିଲା । ସେହି ବିଷ ଥୋପଟି ହେଲା ୨୦ ଗ୍ରାମ ମିଥୋମିଲ + ୨ ଲିଟର ପାଣି + ୨୦୦ ଗ୍ରାମ ଗୁଡ଼ + ଫଳରସ । ଏହା ଦ୍ୱାରା ଫଳବିନ୍ଧା ପ୍ରଜାପତି ଗୁଡ଼ିକ ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ କମଳା ଫଳକୁ ଆକ୍ରମଣ କରନ୍ତି ନାହିଁ । ଚାଷୀ ନିଜସ୍ୱ ପଦ୍ଧତିରେ କରିଥିବା ଚାଷରୁ ହେକ୍ଟର ପିଛା ୨୧୨ କ୍ୱିଣ୍ଟାଲ ଅମଳ ପାଇଥିବା ବେଳେ ପରୀକ୍ଷଣ ଜମିରୁ ୨୯୧ କ୍ୱିଣ୍ଟାଲ ଅମଳ ପାଇଥିଲେ ।

